ସୁଶ୍ରୀ ସବିତା ସମ୍ବେଦୀ ଏବଂ ଅନ୍ୟଜଣେ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଜାନୁଆରୀ 30,1996

[ମଦନ ମୋହନ ପୁଞ୍ଛି ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ :*

*ରେଳବାଇ - ରେଳ କର୍ମଚାରୀଙ୍କୁ ଆବାସ ଆବଣ୍ଟନ - ଅବସର ନେବାକୁ ଯାଉଥିବା କର୍ମଚାରୀଙ୍କ ପୁଅ/ ଅବିବାହିତ ଝିଅ ରେଳବାଇ ଆବାସରେ ରହିବାର ନିୟମିତକରଣ - ଯୋଗ୍ୟମାନଙ୍କ ମଧ୍ୟରେ ବିବାହିତା ଝିଅଙ୍କର ସ୍ଥିତି - କର୍ମଚାରୀଙ୍କ ଦ୍ୱାରା ତାଙ୍କର ବିବାହିତ ଝିଅଙ୍କୁ ଆବାସରେ ରଖିବା ନିମନ୍ତେ ଦାବି - 11.8.1992 ତାରିଖର ରେଳବାଇ ପରିଷଦର ପରିପତ୍ର ଉପରେ ନିର୍ଭର କରି ରେଳବାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏପରି ଦାବିକୁ ପ୍ରତ୍ୟାଖ୍ୟାନ କରାଗଲା - ରାୟ ଦିଆଗଲା ଯେ ଯେହେତୁ ଉକ୍ତ ପରିପତ୍ର ବିବାହିତ ଝିଅଙ୍କ ବିରୋଧରେ ଭେଦଭାବ କରେ, ତେଣୁ ଏହା ସମ୍ବିଧାନର ଅନୁଚ୍ଛେଦ 14କୁ ଉଲ୍ଲଂଘନ କରେ - ଯୋଗ୍ୟମାନଙ୍କ ମଧ୍ୟରେ ବିବାହିତ ଝିଅଙ୍କ ସପକ୍ଷରେ ପରିପତ୍ରକୁ ପଠନ କରାଯିବା ଉଚିତ।*

*ଭାରତ ସମ୍ବିଧାନ :*

*ଅନୁଚ୍ଛେଦ 14 - ଅବସର ନେବାକୁ ଯାଉଥିବା କର୍ମଚାରୀଙ୍କ ପୁଅ/ ଅବିବାହିତା ଝିଅଙ୍କ ରେଳବାଇ ଆବାସରେ ରହିବାର ନିୟମିତକରଣ-11.8.1992 ତାରିଖର ରେଳବାଇ ପରିଷଦର ପରିପତ୍ର - ରାୟ ଦିଆଗଲା ଯେ ଯେହେତୁ ଉକ୍ତ ପରିପତ୍ର ବିବାହିତା ଝିଅଙ୍କ ବିରୋଧରେ ଭେଦଭାବ କରେ, ତେଣୁ ଏହା ସମ୍ବିଧାନର ଅନୁଚ୍ଛେଦ 14କୁ ଉଲ୍ଲଂଘନ କରେ - ବିବାହିତା ଝିଅ, ଅନ୍ୟ ଯୋଗ୍ୟ ପ୍ରାର୍ଥୀମାନଙ୍କ ସହିତ ସମାନ।*

**ଆବେଦନକାରୀ ସଂଖ୍ୟା 2 ଯିଏକି ଦିଲ୍ଲୀରେ ଅବସ୍ଥାପିତ ଜଣେ ରେଳ କର୍ମଚାରୀ, ଅବସର ନେବା ପୂର୍ବରୁ ଆବେଦନକାରୀ ସଂଖ୍ୟା 1 ତାଙ୍କ ବିବାହିତା ଝିଅ, ଯିଏକି ଜଣେ ରେଳ କର୍ମଚାରୀ ମଧ୍ୟ, ତାଙ୍କୁ ପ୍ରଦାନ କରାଯାଇଥିବା ରେଳ ଆବାସ ରେ ରଖିବାକୁ ରେଳ କର୍ତ୍ତୃପକ୍ଷଙ୍କୁ ଅନୁରୋଧ**

କରିଥିଲେ । ସେ କହିଥିଲେ ଯେ ତାଙ୍କର ଦୁଇ ପୁଅ ଦିଲ୍ଲୀ ବାହାରେ କାମ କରୁଥିଲେ ଏବଂ ତାଙ୍କର ଏବଂ ତାଙ୍କ ଅସୁସ୍ଥ ପତ୍ନୀଙ୍କ ଯତ୍ନ ନେବା ପାଇଁ ତାଙ୍କୁ ତାଙ୍କ ଝିଅର ଆବଶ୍ୟକତା ଥିଲା ।ତାଙ୍କ ଅନୁରୋଧକୁ ଗ୍ରହଣ କରାଯାଇଥିଲା ଏବଂ ଆବେଦନକାରୀ ସଂଖ୍ୟା **1** ଙ୍କୁ , ତାଙ୍କ ପିତାଙ୍କୁ ଆବଣ୍ଟିତ ରେଳବାଇ ଆବାସରେ ଏହି ସର୍ତ୍ତରେ ରହିବାକୁ ଅନୁମତି ଦିଆଯାଇଥିଲା ଯେ ତାଙ୍କ ପିତାଙ୍କ ଅବସର ପରେ ଆବାସରେ ନିୟମିତ ଭାବେ ରହିବା ପାଇଁ ସେ ହକଦାର ହେବେ ନାହିଁ । ଆବେଦନକାରୀ ସଂଖ୍ୟା **1**, ତାଙ୍କ ପିତାଙ୍କ ଅବସର ନେବାର ଗୋଟିଏ ଦିନ ପୂର୍ବରୁ, ଆବସରେ ନିୟମିତ ଭାବେ ରହିବା ପାଇଁ ଆବେଦନ କରିଥିଲେ, କିନ୍ତୁ ଜଣେ ବିବାହିତା ଝିଅ ରେଳ ଆବାସରେ ନିୟମିତ ଭାବେ ରହିବା ପାଇଁ ଯୋଗ୍ୟ ନୁହଁନ୍ତି ବୋଲି ଦର୍ଶାଇ ତାଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରାଗଲା । ଆବେଦନକାରୀ ସଂଖ୍ୟା **2** ଙ୍କର ନିବେଦନ ପତ୍ରକୁ ମଧ୍ୟ ପ୍ରତ୍ୟାଖ୍ୟାନ କରାଗଲା । ବିଫଳ ହେବା ପରେ ଆବେଦନକାରୀମାନେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ସମ୍ମୁଖରେ ବର୍ତ୍ତମାନର ଆବେଦନ ଦାଖଲ କଲେ ।

ଉତ୍ତରଦାତାମାନେ **11.8.1992** ତାରିଖର ରେଳବାଇ ପରିଷଦର ପରିପତ୍ର ଉପରେ ନିର୍ଭର କରିଥିଲେ, ଯେଉଁଥିରେ କୁହାଯାଇଥିଲା ଯେ ଜଣେ ଅବସର ନେବାକୁ ଯାଉଥିବା ଜଣେ ରେଳ କର୍ମଚାରୀଙ୍କ ପୁଅ/ଅବିବାହିତା ଝିଅ ରେଳବାଇ ଆବାସ ପାଇଁ ଯୋଗ୍ୟ ହେବେ, ଏବଂ ଜଣେ ବିବାହିତା ଝିଅଙ୍କୁ ଛାଡ଼ କେବଳ ସେତେବେଳେ ଦିଆଯିବ ଯେତେବେଳେ କର୍ମଚାରୀଙ୍କ କୌଣସି ପୁଅ ନଥିବେ କିମ୍ବା ଯଦି ବିବାହିତା ଝିଅ ପିତାମାତାଙ୍କ ସେବା କରିବା ପାଇଁ ଏକମାତ୍ର ବ୍ୟକ୍ତିବିଶେଷ ହିଁ ହୋଇଥିବେ ଏବଂ ପୁଅମାନେ ସେବା କରିବାକୁ ସକ୍ଷମ ନଥିବେ (ଉଦାହରଣ ସ୍ୱରୂପ ନାବାଳକ ପୁଅ) ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ରାୟ ଦେଲେ ଯେ : **1.1.**ରେଳ ମନ୍ତ୍ରଣାଳୟର **11.8.1992** ତାରିଖ ପରିପତ୍ର ଲିଙ୍ଗଗତ ଭେଦଭାବ ଏବଂ ବିବାହ କାରଣରୁ ମହିଳାମାନଙ୍କ ମଧ୍ୟରେ ପରସ୍ପର ] ଭେଦଭାବ ଦୁଇଟି ଦୁଇଟି କୁପ୍ରଥାରେ ପୀଡ଼ିତ । ଏହି ପରିପତ୍ର , ଯେତେଦୂର ପର୍ଯ୍ୟନ୍ତ ଏହା ଏକ ବିବାହିତା ଝିଅ ବିରୁଦ୍ଧରେ ଭେଦଭାବ କରେ, ତେଣୁ ଏହା ସମ୍ପୂର୍ଣ୍ଣ ଅନ୍ୟାୟ, ଲିଙ୍ଗଗତ ପକ୍ଷପାତିତା ଏବଂ ଅଯୌକ୍ତିକ, ତେଣୁ ସମ୍ବିଧାନର ଅନୁଚ୍ଛେଦ **14** ଅନୁଯାୟୀ ଏହା ରଦ୍ଦ ହେବା ଯୋଗ୍ୟ । ଜଣେ ବିବାହିତା ଝିଅଙ୍କର ଯୋଗ୍ୟତା ଏକ ଅବିବାହିତା ଝିଅ ସହିତ ସମାନ ହେବା ଆବଶ୍ୟକ (କାରଣ ସେ ସେହି ରାଜ୍ୟରେ ଜଣେ ହୋଇଥିବେ), ଯାହା ଦ୍ୱାରା ପରିପତ୍ରର ପୂର୍ବ ଭାଗର ସୁବିଧାକୁ ଦାବି କରାଯାଇପାରିବ **I**

**1.2.** ବାର୍ଦ୍ଧକ୍ୟରେ ଯତ୍ନ ଏବଂ ଧ୍ୟାନ ପାଇଁ ଅବସର ନେବାକୁ ଯାଉଥିବା ଅଧିକାରୀଙ୍କ ଆଶା ଏବଂ ତାଙ୍କ ପିଲାମାନଙ୍କ ମଧ୍ୟରୁ ଜଣଙ୍କ ଠାରୁ ଏପରି ଆଶାକୁ ଭୁଲ ବୋଲି ଦର୍ଶାଯାଇପାରିବ ନାହିଁ, କିମ୍ବା ତାଙ୍କ ଇଚ୍ଛାକୁ ସୀମିତ କରି ତାଙ୍କ ଆଶାକୁ ହ୍ରାସ କରାଯାଇପାରିବ ନାହିଁ। ତାହା ଅନ୍ୟାୟ ଏବଂ ଅଯୌକ୍ତିକ ହେବ । ଯଦି ତାଙ୍କର କେବଳ ଗୋଟିଏ ବିବାହିତା ଝିଅ ଅଛି, ଯିଏ ଜଣେ ରେଳ କର୍ମଚାରୀ, ଏବଂ ତାଙ୍କର ଅନ୍ୟ କୌଣସି ସନ୍ତାନ ନାହାଁନ୍ତି, ତେବେ ତାଙ୍କର ଇଚ୍ଛା ସେହି ବିବାହିତା ରେଳ କର୍ମଚାରୀ ଝିଅଙ୍କ ମଧ୍ୟରେ ସୀମିତ ରହିବ । ରେଳ ଆବାସରେ ନିୟମିତ ଭାବେ ରହିବା ପାଇଁ ସେହି ଝିଅଙ୍କୁ ମନୋନୀତ କରିବା ନିମିତ୍ତ ସେ ଏକ ନିରଙ୍କୁଶ ସ୍ଥିତିରେ ରହିବା ଉଚିତ୍ । କେବଳ ରେଳ ସେବାରେ ଏକାଧିକ ପିଲାଙ୍କ କ୍ଷେତ୍ରରେ ତାଙ୍କୁ ଏକ ବିକଳ୍ପ ବ୍ୟବହାର କରିବାକୁ ପଡ଼ିପାରେ ଏବଂ ଏହି ପ୍ରସଙ୍ଗରେ ଅବସର ନେବାକୁ ଯାଉଥିବା ଅଧିକାରୀଙ୍କ ରାୟ ଉପରେ ତାଙ୍କ ନିଜ ଇଚ୍ଛାକୁ ଅଗ୍ରାଧିକାର ଦିଆନଯିବ ଏବଂ ଲିଙ୍ଗଗତ ନିର୍ବିଶେଷରେ ତାଙ୍କ ପିଲାମାନଙ୍କର ଗୁରୁତ୍ୱକୁ ରେଳବାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା କାହିଁକି ସମ୍ମାନ ଦିଆନଯିବ, ତାହାର ଏଠାରେ କୌଣସି କାରଣ ନାହିଁ।

**1.3.** ନ୍ୟାୟାଧିକରଣ ଏହି ତଥ୍ୟକୁ ଏହି କାରଣରୁ ଅଣଦେଖା କଲେ ଯେ ଏହି ପରିପତ୍ର କେବଳ ଯୋଗ୍ୟମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ନିୟମିତକରଣ ଦାବି କରିପାରିବେ, କିନ୍ତୁ ଦାବି କରିବା ପୂର୍ବରୁ ଜଣେ ରେଳ କର୍ମଚାରୀ ହେବାର ଗୁରୁତ୍ୱପୂର୍ଣ୍ଣ ସର୍ତ୍ତକୁ ପୂରଣ କରିବାକୁ ପଡିବ । ପ୍ରଥମ ଆବେଦନକାରୀ, କେବଳ ସେହି ଆଧାରରେ ଯୋଗ୍ୟ ଥିଲେ (ଲିଙ୍ଗଗତ ଭେଦଭାବ ବଶବର୍ତ୍ତୀ ରହି), ଏବଂ ଦ୍ୱିତୀୟ ଆବେଦନକାରୀ ତାଙ୍କ ସପକ୍ଷରେ ନିଜର ଇଚ୍ଛା/ବିକଳ୍ପ ବ୍ୟବହାର କରି ଆବାସରେ ରହିବା ଜାରି ରଖିପାରିବେ, ଯାହା ରେଳବାଇ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଧାରିତ ଅନ୍ୟ ସର୍ତ୍ତାବଳୀ ପୂରଣ କରିବା ଉପରେ ନିର୍ଭର କରି ତାଙ୍କ ସପକ୍ଷରେ ଆବାସକୁ ନିୟମିତ କରିବାକୁ ବାଧ କରିବ । ଯେଉଁ ତ୍ରୁଟି ଏଠାରେ ପ୍ରକାଶ ପାଇଛି ତାହାକୁ ଏତଦ୍ୱାରା ସଂଶୋଧନ କରାଯାଇଛି । ତଥ୍ୟ ଏବଂ ପରିସ୍ଥିତିରେ କେବଳ ପ୍ରଥମ ଆବେଦନକାରୀ, ରେଳବାଇ ଆବାସରେ ନିୟମିତ ରହିବା ପାଇଁ ଏକମାତ୍ର ଯୋଗ୍ୟ ବ୍ୟକ୍ତିବିଶେଷ ହେବେ ଏବଂ ଉତ୍ତରଦାତା ସେହି ଅନୁଯାୟୀ ତାଙ୍କ ସପକ୍ଷରେ ଆଦେଶ ଦେବେ ।

**1.4.11.8.1992** ତାରିଖ ପରିପତ୍ର ଲିଙ୍ଗଗତ ଭେଦଭାବ କାରଣରୁ ସମ୍ବିଧାନର ଅନୁଚ୍ଛେଦ **14** ଅନୁଯାୟୀ ବିଚାରକୁ ଅଣାଯାଇଛି । ପରିପତ୍ରକୁ ପଠନ କରାଯିବ ଏବଂ ଯୋଗ୍ୟମାନଙ୍କ ମଧ୍ୟରୁ ଦ୍ୱୈତ ସର୍ତ୍ତ ସହିତ ଅନ୍ୟାନ୍ୟ ବିଷୟଗୁଡ଼ିକର ବଶଃବର୍ତ୍ତୀ ରହି ବିବାହିତା

**ଝିଅଙ୍କ ସପକ୍ଷରେ ପ୍ରାରମ୍ଭରୁ ଏହାକୁ ଏପରି ପଠନ କରାଯାଇଛି ସେ ହେଉଛନ୍ତି (1) ଜଣେ ରେଳ କର୍ମଚାରୀ; ଏବଂ (2) ଅବସର ନେବାକୁ ଯାଉଥିବା ଅଧିକାରୀ, ଆବାସରେ ରହିବା ନିମିତ୍ତ ନିୟମିତକରଣ ପାଇଁ ତାଙ୍କ ଝିଅଙ୍କ ସପକ୍ଷରେ ଇଚ୍ଛା ପ୍ରକାଶ କରିଛନ୍ତି ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2441/1996

ମୂଳ ଆଦେଶ ସଂଖ୍ୟା 2443/1994 ରେ ନୂଆଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 1.6.95 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ।

ଆବେଦନକାରୀଙ୍କ ତରଫରୁ ଜାକି ଅହମ୍ମଦ ଖାନ ଏବଂ ଆନିସ୍ ସୁହରୱାର୍ଦୀ । ଉତ୍ତରଦାତାମାନଙ୍କ ତରଫରୁ ଅଶୋକ ଭାନ୍ ଏବଂ ଏ. କେ. ଶର୍ମା । ନ୍ୟାୟମୂର୍ତ୍ତି ପୁଞ୍ଛିଙ୍କ ଦ୍ୱାରା ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଗଲା । ଏହି ଆବେଦନ ଲିଙ୍ଗଗତ ନ୍ୟାୟ ପାଇଁ ଏକ ସ୍ୱର ଉତ୍ତୋଳନ କରୁଛି।

ଆମ ସମ୍ମୁଖରେ ଥିବା ଦୁଇ ଜଣ ଆବେଦନକାରୀ ହେଉଛନ୍ତି ଜଣେ ବିବାହିତା ଝିଅ ଓ ତାଙ୍କ ବାପା । ଦ୍ୱିତୀୟ ଆବେଦନକାରୀ ଭାରତୀୟ ରେଳ ସେବାରେ ଥିଲେ । ସେବାରେ ଥିବା ସମୟରେ, ତାଙ୍କୁ ଦିଲ୍ଲୀର କିଶାନଗଞ୍ଜ ସ୍ଥିତ ରେଳ କଲୋନୀର ଆବାସ ସଂଖ୍ୟା 30/3, ଆବଣ୍ଟନ କରାଯାଇଥିଲା । ତାଙ୍କର 31.12.1993 ତାରିଖରେ ଅବସର ନେବାର ଥିଲା ।ଏହା ଏକ ଭିନ୍ନ ବିଷୟ ଯେ ତାଙ୍କୁ 31.8.1994 ତାରିଖ ପର୍ଯ୍ୟନ୍ତ ସର୍ବାଧିକ ଅନୁମୋଦିତ ଆଠ ମାସ ପାଇଁ ରେଳ ଆବାସରେ ରହିବାକୁ ଅନୁମତି ଦିଆଯାଇଥିଲା । ଅବସର ନେବାର ବହୁ ପୂର୍ବରୁ, 18.3.1993 ତାରିଖରେ ଦ୍ୱିତୀୟ ଆବେଦନକାରୀ ସମ୍ପୃକ୍ତ ରେଳ କର୍ତ୍ତୃପକ୍ଷଙ୍କୁ ତାଙ୍କ ବିବାହିତା ଝିଅ ଯିଏକି ପ୍ରଥମ ଆବେଦନକାରୀ , ତାଙ୍କୁ ଉକ୍ତ ଆବାସରେ ରହିବା ପାଇଁ ଅନୁମତି ଦେବାକୁ ଏହି କାରଣରୁ ଅନୁରୋଧ କରିଥିଲେ, ଯେ ସେ ଦୀଲ୍ଲିରେ " Sr. S.O./T.A./D.K.Z. " ଭାବେ ଜଣେ ରେଳ କର୍ମଚାରୀ ଭାବରେ ନିୟୋଜିତ ଅଛନ୍ତି । ସେ ଦର୍ଶାଇଥିଲେ ଯେ ତାଙ୍କର ଦୁଇ ପୁଅ ଦିଲ୍ଲୀ ବାହାରେ କାମ କରୁଥିଲେ, କିନ୍ତୁ ସେମାନଙ୍କ ମଧ୍ୟରୁ କେହି ରେଳ କର୍ମଚାରୀ ନୁହନ୍ତି, ଯେତେବେଳେ କି ତାଙ୍କର ବିବାହିତ ଝିଅ ଜଣେ ରେଳ କର୍ମଚାରୀ ଥିଲେ, ଏବଂ ତାଙ୍କ ଓ ତାଙ୍କ ଅସୁସ୍ଥ ପତ୍ନୀଙ୍କ ଯତ୍ନ ନେବା ପାଇଁ ସେମାନଙ୍କୁ , ତାଙ୍କର ଆବଶ୍ୟକତା ଥିଲା । ତାଙ୍କ ଅନୁରୋଧକୁ 31.5.1993 ତାରିଖରେ ଅନୁକୂଳ ଭାବରେ ମଞ୍ଜୁର କରାଯାଇଥିଲା, ପ୍ରଥମ ଆବେଦନକାରୀଙ୍କୁ ତାଙ୍କ ପିତାଙ୍କ ଆବାସରେ 16.3.1993 ତାରିଖରୁ ଏହି ସର୍ତ୍ତ ସହିତ ରହିବାକୁ ଅନୁମତି ଦିଆଯାଇଥିଲା ଯେ ସେ ଦ୍ୱିତୀୟ

ଆବେଦନକାରୀଙ୍କ ଅବସର ପରେ ରେଳ ଆବାସରେ ନିୟମିତ ରହିବା ପାଇଁ ହକଦାର ହେବେ ନାହିଁ । ଏହି ସମୟରେ, ଦ୍ୱିତୀୟ ଆବେଦନକାରୀଙ୍କ ଅବସର ନେବାର ଗୋଟିଏ ଦିନ ପୂର୍ବରୁ, ପ୍ରଥମ ଆବେଦନକାରୀ ଏହା ଯୁକ୍ତି ବାଢି ଉକ୍ତ ଆବାସରେ ତାଙ୍କର ରହିବାକୁ ନିୟମିତ କରିବା ପାଇଁ ଏହି କାରଣରୁ ଦାବି କରିଥିଲେ ଯେ ତାଙ୍କ ଭାଇମାନେ ତାଙ୍କ ପିତାମାତାଙ୍କ ଯତ୍ନ ନେବା ସ୍ଥିତିରେ ନାହାଁନ୍ତି, ଯେତେବେଳେ କି ସେ ହିଁ ସେହି ସ୍ଥିତିରେ ଥିଲେ, ଏବଂ ଭବିଷ୍ୟତରେ ମଧ୍ୟ ତାଙ୍କ ପିତାମାତାଙ୍କ ଯତ୍ନ ନେବେ । ଜଣେ ବିବାହିତା ଝିଅ ରେଳବାଇ ଆବାସରେ ନିୟମିତ ରହିବା ପାଇଁ ଯୋଗ୍ୟ ନୁହେଁ ବୋଲି 31.1.1994 ତାରିଖରେ  ନିବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଦ୍ୱିତୀୟ ଆବେଦନକାରୀ ମଧ୍ୟ, ଉତ୍ତର ରେଳବାଇର ଖଣ୍ଡ ଏବଂ ଅଧୀକ୍ଷକ ଯନ୍ତ୍ରୀ (ଭୂ ସମ୍ପତ୍ତି) ଙ୍କ ନିକଟରେ ଏହା ଦର୍ଶାଇ ଏକ ନିବେଦନ କରିଥିଲେ ଯେ , ପୂର୍ବରୁ ବିବାହିତା ଝିଅମାନଙ୍କ ସପକ୍ଷରେ ନିୟମିତ ରେଳ ଆବାସରେ ରହିବାକୁ ନିର୍ଣ୍ଣୟ ଦିଆଯାଇଥିଲା । ଖଣ୍ଡ ଏବଂ ଅଧୀକ୍ଷକ ଯନ୍ତ୍ରୀଙ୍କ ଦ୍ୱାରା  ଉକ୍ତ ଅନୁରୋଧଟି ଉତ୍ତର ରେଳବାଇର ସାଧାରଣ ପରିଚାଳକଙ୍କୁ 4.7.1994 ତାରିଖରେ ରେ ପଠାଯାଇଥିଲା ଯେଉଁଥିରେ ଦର୍ଶାଯାଇଥିଲା ଯେ ପ୍ରଥମ ଆବେଦନକାରୀ 25.2.1973 ମସିହାଠାରୁ ରେଳ ସେବାରେ ଅଛନ୍ତି , 16.3.1993 ତାରିଖରୁ ତାଙ୍କ ପିତାଙ୍କ ସହିତ ଆବାସରେ ରହି ଆସୁଛନ୍ତି ଏବଂ ସେହି କାରଣରୁ ସେ ଆବାସିକ ଭତ୍ତା ମଧ୍ୟ ସେହି ତାରିଖଠାରୁ ନେଉ ନାହାନ୍ତି । ଏହି ପ୍ରସଙ୍ଗରେ ରେଳବାଇ ପରିପତ୍ରରେ ଥିବା କାରଣ ଦର୍ଶାଇ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହାପରେ ଉଭୟ ଆବେଦନକାରୀ ଏହି ମାମଲାକୁ ନୂଆଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ମୁଖ୍ୟ ଖଣ୍ଡପୀଠଙ୍କ ନିକଟକୁ ନେଇଥିଲେ, କିନ୍ତୁ ଏଥିରେ କୌଣସି ସଫଳତା ମିଳିନଥିଲା । ତେଣୁ ସେମାନେ ଉପଯୁକ୍ତ ପ୍ରତିକାର ପାଇଁ ଏହି ନ୍ୟାୟାଳୟଙ୍କର ଦ୍ୱାରସ୍ଥ ହୋଇଛନ୍ତି ।

ପ୍ରତିରକ୍ଷାରେ ଉତ୍ତରଦାତାମାନେ ରେଳବାଇ ପରିଷଦର 11.8.1992 ତାରିଖର ପରିପତ୍ର ଉପରେ ନିର୍ଭର କରିଛନ୍ତି, ଯେଉଁଥିରେ ଦର୍ଶାଯାଇଛି ଯେ ଆବାସରେ ରହିବାର ନିୟମିତକରଣକୁ ସର୍ତ୍ତାବଳୀ ଉପରେ ପ୍ରଦାନ କରାଯିବ ।  ଏହାର କାର୍ଯ୍ୟକ୍ଷମ ଅଂଶଟି ନିମ୍ନରେ ଦିଆଗଲା :

> " ରେଳ ମନ୍ତ୍ରଣାଳୟର ତାରିଖ 27.12.1982 ର ପତ୍ର ସଂଖ୍ୟା E ( G) 82 OR 1-23 ଏବଂ 15.1.90  ତାରିଖ ର ପତ୍ର ସଂଖ୍ୟା E ( G) 85 OR 1-9 ଯାହାକୁ ସେମାନଙ୍କର 15.3.91 ତାରିଖର ପତ୍ର ସଂଖ୍ୟା E ( G) 90 OR 1-11 ରେ ଏହା ଦର୍ଶାଇ ସ୍ପଷ୍ଟ କରାଯାଇଥିଲା ଯେ, ଯେତେବେଳେ ଆବଣ୍ଟିତ ରେଳବାଇ ଆବାସରେ ଥିବା ଜଣେ ରେଳ କର୍ମଚାରୀ, ସେବାରୁ ଅବସର ନିଅନ୍ତି , ସେହି କ୍ଷେତ୍ରରେ ଯଥାସ୍ଥିତି ତାଙ୍କର ପୁଅ,

ଅବିବାହିତା ଝିଅ , ପତ୍ନୀ, ପତି କିମ୍ବା ପିତାଙ୍କୁ ନିର୍ଦ୍ଧାରିତ ସର୍ତ୍ତ ପୂରଣ ଆଧାରରେ ବିଶେଷ ସ୍ଥିତିରେ ଉକ୍ତ ଆବଣ୍ଟିତ ରେଳବାଇ ଆବାସରେ ରହିବାକୁ ଅନୁମତି ଦିଆଯିବ ।

ରେଳ ମନ୍ତ୍ରଣାଳୟ ଏହି ବିଷୟକୁ ସମୀକ୍ଷା କରିଛନ୍ତି ଏବଂ ସେମାନଙ୍କର 27.12.82 ତାରିଖର ପତ୍ର ସଂଖ୍ୟା E ( G) 82 OR ରେ ଥିବା ନିର୍ଦ୍ଦେଶାବଳୀକୁ ଅତିକ୍ରମ କରି ଏହି କୋହଳକୁ ଜଣେ ଅବସର ନେବାକୁ ଯାଉଥିବା ଅଧିକାରୀଙ୍କ ଝିଅଙ୍କ କ୍ଷେତ୍ରରେ ଲାଗୁ କରିବା ନିମିତ୍ତ ନିଷ୍ପତ୍ତି ନେଇଛନ୍ତି , ଯେପରିକି ତାଙ୍କର କୌଣସି ପୁଅ ନାହାନ୍ତି କିମ୍ବା ତାଙ୍କ ଝିଅ ହେଉଛନ୍ତି ଏକମାତ୍ର ବ୍ୟକ୍ତିବିଶେଷ ଯିଏକି ତାଙ୍କର ଯତ୍ନ ନେବାକୁ ପ୍ରସ୍ତୁତ ଅଛନ୍ତି ଏବଂ ତାଙ୍କର ପୁଅମାନେ ତାଙ୍କ ଯତ୍ନ ନେବା ସ୍ଥିତିରେ ନାହାନ୍ତି (ଉଦାହରଣ ସ୍ୱରୂପ ନାବାଳକ ପୁଅ) ।

ଏହା ପୂର୍ବରୁ ନିର୍ଦ୍ଧାରିତ ସର୍ତ୍ତାବଳୀ ଅଧୀନରେ ରହିବ ଯାହା ଏପରି କୋହଳ ଚାହୁଁଥିବା ଅନ୍ୟ ଯୋଗ୍ୟ ସନ୍ତାନ ସନ୍ତତିମାନଙ୍କ ପାଇଁ ପ୍ରଯୁଜ୍ୟ ।

ଉପରୋକ୍ତରେ ସୂଚିତ ନିଷ୍ପତ୍ତି ମଧ୍ୟ ମୃତ୍ୟୁ/ ସ୍ୱାସ୍ଥ୍ୟଗତ ଅଯୋଗ୍ୟତା କ୍ଷେତ୍ରରେ ସମାନ ଭାବରେ ପ୍ରଯୁଜ୍ୟ ହେବ ।

ପରିପତ୍ରର ଏକ ସାଧାରଣ ପଠନରୁ ଏହା ସ୍ପଷ୍ଟ ଯେ, ଯଦି ଜଣେ ଅବସର ଗ୍ରହଣ କରୁଥିବା ଅଧିକାରୀଙ୍କ କୌଣସି ପୁଅ ନଥାନ୍ତି, ତେବେ ତାଙ୍କର ବିବାହିତା ଝିଅ ଆବାସରେ ନିୟମିତ ରହିବା ପାଇଁ ଯୋଗ୍ୟ ଅଟନ୍ତି । ତେଣୁ ତାଙ୍କର ଏଠାରେ ଏକ ସୂଦୃଢ ସ୍ଥିତି ରହିଛି, ଯାହାଙ୍କୁ ଏଠାରେ ସିଧାସଳଖ ଅଯୋଗ୍ୟ ବୋଲି କୁହାଯାଇପାରିବ ନାହିଁ ।ଯଦି ତାଙ୍କର ଏକ ପୁଅ ଅଛି, ଏବଂ ସେ ଯଦି ତାଙ୍କ ପିତାମାତାଙ୍କ ଯତ୍ନ ନେବାରେ ଅସମର୍ଥ ହୁଅନ୍ତି, ସେହି କ୍ଷେତ୍ରରେ ସେ ଏପରି ସ୍ଥିତିରେ ରହିବେ ନାହିଁ ଉଦାହରଣ ସ୍ୱରୂପ ଏକ ନାବାଳକ ପୁଅଙ୍କ କ୍ଷେତ୍ରରେ, ସେ ଏକମାତ୍ର ବ୍ୟକ୍ତିବିଶେଷ ହେବା ଉଚିତ ଯିଏ ତାଙ୍କ ପିତାମାତାଙ୍କୁ ଯତ୍ନ ନେବା ପାଇଁ ପ୍ରସ୍ତୁତ ଥିବେ । ତେଣୁ ଏହା ସ୍ପଷ୍ଟ ଯେ ଜଣେ ବିବାହିତା ଝିଅ ରେଳବାଇ ଆବାସରେ ନିୟମିତ ରହିବାରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ନୁହଁନ୍ତି, କିନ୍ତୁ ତାଙ୍କର ଏପରି ଅଧିକାର ମାମଲାର ପରିସ୍ଥିତି ଉପରେ ନିର୍ଭର କରେ । ସମ୍ପୃକ୍ତ କର୍ତ୍ତୃପକ୍ଷ ତଥା କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ଏହି ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରମୁଖ ବିଷୟକୁ ଅଣଦେଖା କରିଥିବା ପରି ମନେହୁଏ ଯେ ଜଣେ ବିବାହିତା ଝିଅ ଯଦି କେବଳ ଜଣେ ରେଳ କର୍ମଚାରୀ ହେବେ ସେହି କ୍ଷେତ୍ରରେ ସେ ନିୟମିତ ଆବାସରେ ରହିବା ନିମିତ୍ତ ହକଦାର୍ ହେବେ, ଅନ୍ୟଥା, ସେ କେବଳ ଅବସର ନେବାକୁ ଯାଉଥିବା ଅଧିକାରୀଙ୍କର ସନ୍ତାନ ସନ୍ତତି ହେବା ଦ୍ୱାରା ଆବାସରେ ନିୟମିତ ରହିବାର

ଅଧିକାରୀ ହେବେ ନାହିଁ । ଯୁକ୍ତିଯୁକ୍ତ ଭାବରେ ଏହା, ଏପରି ସିଦ୍ଧାନ୍ତରେ ପହଞ୍ଚାଇବ ଯେ ବିବାହିତ ଝିଅର ଦାବିକୁ ପ୍ରତ୍ୟାଖ୍ୟାନ କରିବା ପୂର୍ବରୁ ପିତାମାତାଙ୍କୁ ଯତ୍ନ ନେବାରେ ସକ୍ଷମ କିମ୍ବା ଅସମର୍ଥ ପୁଅ କିମ୍ବା ପୁଅମାନଙ୍କୁ ଏପରି ଦାବି କରିବାକୁ ହେଲେ ସେମାନଙ୍କୁ ରେଳବାଇ କର୍ମଚାରୀ ହେବାକୁ ପଡିବ । ଆମେ ବର୍ତ୍ତମାନ ପାଇଁ ଧରିନାହୁଁ ଯେ ସେମାନେ କେବଳ ଲିଙ୍ଗଗତ ଭାବରେ ପୁରୁଷ ହୋଇଥିବାରୁ ଏହା କରିବାକୁ ସକ୍ଷମ ହେବେ | ଯଦିଓ ଏହା ଅବାଞ୍ଛିତ ତେବେ ଏପରି ଫଳାଫଳ କେବଳ ପରିପତ୍ରର ଆକ୍ଷରିକ ବ୍ୟାଖ୍ୟାକୁ ଅନୁସରଣ କରେ ।

ପରିପତ୍ର କୁ କିଛି ମାତ୍ରାରେ ଦୁର୍ବଳ କରିବା ପାଇଁ ଏକ ସାଧାରଣ ଉକ୍ତିକୁ ଏଠାରେ ଲାଗୁ କରିବା ଯୋଗ୍ୟ ହେବ । ଏହା ହେଉଛି :

" ପତ୍ନୀ ପାଇବା ପର୍ଯ୍ୟନ୍ତ ପୁଅ, ପୁଅ ହିଁ ରହିଥାଏ । କିନ୍ତୁ ଜଣେ ଝିଅ ସାରା ଜୀବନ ଝିଅ ହିଁ ରହିଥାଏ ।

ବାର୍ଦ୍ଧକ୍ୟରେ ଯତ୍ନ ଏବଂ ଧ୍ୟାନ ଆବଶ୍ୟକ କରୁଥିବା ଜଣେ ଅବସର ନେବାକୁ ଯାଉଥିବା ଅଧିକାରୀଙ୍କ ଆଶାକୁ ଏବଂ ତାଙ୍କ ପିଲାମାନଙ୍କ ମଧ୍ୟରୁ ଜଣଙ୍କ ଠାରୁ ଏପରି କର୍ତ୍ତବ୍ୟକୁ ଏଠାରେ ଦୋଷ ଦିଆଯାଇପାରିବ ନାହିଁ କିମ୍ବା ତାଙ୍କ ପସନ୍ଦକୁ ସୀମିତ କରି ତାଙ୍କ ଆଶାକୁ ହ୍ରାସ କରାଯାଇପାରିବ ନାହିଁ । ତାହା ଅନ୍ୟାୟ ଏବଂ ଅଯୌକ୍ତିକ ହେବ । ଯଦି ତାଙ୍କର କେବଳ ଗୋଟିଏ ବିବାହିତା ଝିଅ ଅଛି, ଯିଏକି ଜଣେ ରେଳ କର୍ମଚାରୀ, ଏବଂ ତାଙ୍କର ଅନ୍ୟ କୌଣସି ସନ୍ତାନ ରେଳ କର୍ମଚାରୀ ନୁହନ୍ତି, ତେବେ ତାଙ୍କର ପସନ୍ଦ ସେହି ରେଳ କର୍ମଚାରୀ ବିବାହିତା ଝିଅଙ୍କ ଠାରେ ସୀମିତ ରହିବ । ରେଳ ଆବାସରେ ରହିବା ନିୟମିତ ରହିବାକୁ ସେହି ଝିଅଙ୍କୁ ମନୋନୀତ କରିବା ପାଇଁ ସେ ଏକ ନିରଙ୍କୁଶ ପଦବୀରେ ରହିବା ଉଚିତ୍ । କେବଳ ରେଳ ସେବାରେ ଏକାଧିକ ପିଲାଙ୍କ କ୍ଷେତ୍ରରେ ତାଙ୍କୁ ଏକ ବିକଳ୍ପ ବ୍ୟବହାର କରିବାକୁ ପଡ଼ିପାରେ ଏବଂ ଆମେ ଏଠାରେ କୌଣସି କାରଣ ଦେଖୁନାହୁଁ ଯେ ଏହି ପ୍ରସଙ୍ଗରେ ଅବସର ନେବାକୁ ଯାଉଥିବା ଅଧିକାରୀଙ୍କ ରାୟ ଉପରେ କାହିଁକି ତାଙ୍କର ଇଚ୍ଛାକୁ ଛାଡି ଦିଆଯିବ ନ ଯିବ ଏବଂ ସନ୍ତାନ ସନ୍ତତିଙ୍କ ଲିଙ୍ଗ ନିର୍ବିଶେଷରେ ରେଳବାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କର ଇଚ୍ଛାକୁ କାହିଁକି ସମ୍ମାନ ଦିଆ ନ ଯିବ । ଯେତେବେଳେ ଜଣେ ପୁଅ ବଞ୍ଚିଥାଆନ୍ତି ଏବଂ ପିତାମାତାଙ୍କ ଯତ୍ନ ନେବାରେ ସମର୍ଥ ଥାନ୍ତି , ସେତେବେଳେ ପୁଅ ସପକ୍ଷରେ ଇଚ୍ଛାକୁ ନିୟନ୍ତ୍ରଣ କରିବା କିମ୍ବା ବାଧା ଦେବା ପାଇଁ ରେଳବାଇ ପକ୍ଷରେ କୌଣସି ସୁଯୋଗ ନାହିଁ । ଏହି ପରିପ୍ରେକ୍ଷୀରେ ରେଳ ମନ୍ତ୍ରଣାଳୟର ପରିପତ୍ର ଆମକୁ ସମ୍ପୂର୍ଣ୍ଣ ଅନ୍ୟାୟ, ଲିଙ୍ଗଗତ ପକ୍ଷପାତିତା ଏବଂ ଅଯୌକ୍ତିକ ବୋଲି ମନେହୁଏ, ଯାହା ସମ୍ବିଧାନର ଅନୁଚ୍ଛେଦ 14 ଅନୁଯାୟୀ ରଦ୍ଦ ହେବା

ଯୋଗ୍ୟ । ଜଣେ ବିବାହିତା ଝିଅଙ୍କର ଯୋଗ୍ୟତା ଏକ ଅବିବାହିତା ଝିଅ ସହିତ ସମାନ ହେବା ଆବଶ୍ୟକ (କାରଣ ସେ ସେହି ରାଜ୍ୟରେ ଜଣେ ହୋଇଥିବେ), ଯାହା ଦ୍ୱାରା ପରିପତ୍ରର ପୂର୍ବ ଭାଗର ସୁବିଧାକୁ ଦାବି କରାଯାଇପାରିବ, ଯାହା ଉପରେ ଏହାର ପ୍ରଥମ ଅନୁଚ୍ଛେଦରେ ସୂଚିତ କରାଯାଇଛି ।

ନ୍ୟାୟାଧିକରଣ ଏହି ମତ ପୋଷଣ କରିଥିଲେ ଯେ ଯେତେବେଳେ 11.8.1992 ତାରିଖର ପରିପତ୍ରଟି ସ୍ୱତନ୍ତ୍ର ଭାବରେ ଏହାଙ୍କ ସମ୍ମୁଖରେ ସ୍ପଷ୍ଟ ଭାବରେ ଆକ୍ଷେପିତ ହୋଇ ନଥିଲା , ଉକ୍ତ ପରିପତ୍ର ରେ ଥିବା ସର୍ତ୍ତଗୁଡିକ ବର୍ତ୍ତମାନର ମାମଲାରେ ସନ୍ତୁଷ୍ଟ ହୋଇନାହିଁ, ତେଣୁ ଆବେଦନକାରୀଙ୍କୁ ଏଠାରେ କୌଣସି ପ୍ରତିକାର ପ୍ରଦାନ କରିବାର ଆବଶ୍ୟକତା ନାହିଁ । ନ୍ୟାୟାଧିକରଣ ବିଚାର କରିଥିଲେ ଯେ ଯେତେବେଳେ ଦ୍ୱିତୀୟ ଆବେଦନକାରୀଙ୍କ ଦୁଇ ସାବାଳକ ଲାଭପ୍ରଦ ଭାବରେ ନିଯୁକ୍ତ ଥିବାର, ସେମାନେ ରେଳବାଇ କର୍ମଚାରୀ ନ ଥିବାର, ଦିଲ୍ଲୀରେ ରହୁନଥିବାର, ସ୍ଥିତି ଏହି କାରଣରୁ ଏଠାରେ ଉପୁଜି ଥିବା ପରିସ୍ଥିତିକୁ ବଦଳାଇ ନଥିଲା ଯେ 11-8-1992 ତାରିଖର ପରିପତ୍ରରେ ଥିବା ସର୍ତ୍ତାବଳୀ ସନ୍ତୁଷ୍ଟ ହୋଇନାହିଁ, ଯାହା ଅନୁଯାୟୀ କେବଳ ଆବାସରେ ନିୟମିତ ରହିବା ଅନୁମତିପ୍ରାପ୍ତ । ଯେପରି ଉପରୋକ୍ତରେ ଉଲ୍ଲେଖ କରାଯାଇଛି , ନ୍ୟାୟାଧିକରଣ ଏହି ଦିଗକୁ ଅଣଦେଖା କରିଥିଲେ ଯେ ପରିପତ୍ର କେବଳ ଯୋଗ୍ୟମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ନିୟମିତ ଆବାସରେ ରହିବା ପାଇଁ ଦାବି କରିପାରିବେ, କିନ୍ତୁ ଏପରି ଦାବି କରିବା ପୂର୍ବରୁ ସେମାନଙ୍କୁ ରେଳ କର୍ମଚାରୀ ହେବାର ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ପୂରଣ କରିବାକୁ ପଡିବ । (ଲିଙ୍ଗଗତ ଅଯୋଗ୍ୟତାର ବଶବର୍ତ୍ତୀ ରହି) ବର୍ତ୍ତମାନର ମାମଲାରେ, ପ୍ରଥମ ଆବେଦନକାରୀ, ସେହି ଆଧାରରେ, କେବଳ ଯୋଗ୍ୟ ଥିଲେ ।ତେଣୁ ଦ୍ୱିତୀୟ ଆବେଦନକାରୀ ଅନ୍ୟ ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରି ରେଳବାଇ କର୍ତ୍ତୃପକ୍ଷଙ୍କୁ ତାଙ୍କ ସପକ୍ଷରେ ଆବାସରେ ରହିବାକୁ ନିୟମିତ କରିବାକୁ ବାଧ୍ୟ କରି ଆବାସରେ ରହିବା ବଜାୟ ରଖିବା ପାଇଁ ତାଙ୍କ ସପକ୍ଷରେ ତାଙ୍କ ପସନ୍ଦ/ବିକଳ୍ପ ବ୍ୟବହାର କରିପାରିବେ । ଯେଉଁ ତ୍ରୁଟି ପ୍ରକାଶ ପାଇଛି ତାହାକୁ ଏଠାରେ ସଂଶୋଧନ କରାଯାଇଛି, ଯାହା ତଥ୍ୟ ଏବଂ ପରିସ୍ଥିତିରେ ପ୍ରଥମ ଆବେଦନକାରୀଙ୍କୁ ଆବାସରେ ନିୟମିତ ରହିବା ପାଇଁ ଏକମାତ୍ର ଯୋଗ୍ୟ ବୋଲି ବିବେଚନା କରେ ।

ଆମ ସମ୍ମୁଖରେ ଏହା ମଧ୍ୟ ଦର୍ଶାଯାଇଥିଲା ଯେ ବମ୍ବେ ସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଖଣ୍ଡପୀଠ, ଏହାଙ୍କର 12.2.1992 ତାରିଖର (ସଂଲଗ୍ନକ ପୃଷ୍ଠା - 8 ) ମୂଳ ଆବେଦନ ସଂଖ୍ୟା 314/1990 ରେ *ସୁଶ୍ରୀ ଅମ୍ବିକା ଆର. ନାୟାର ଏବଂ ଅନ୍ୟମାନେ ବନାମ*

*ଭାରତ ସଂଘ ଏବଂ ଅନ୍ୟମାନେ ମାମଲାରେ* ଏହାଙ୍କର ନିଜ ନିଷ୍ପତ୍ତି ଉପରେ ନିର୍ଭର କରି ନିଷ୍ପତ୍ତି ନେଇଥିଲେ ଏବଂ ହସ୍ତାନ୍ତର ଆବେଦନ ସଂଖ୍ୟା 467/1986 ରେ, ଯେଉଁଥିରେ ରେଳବାଇ ପରିଷଦର 27-2-1982 ତାରିଖର ପୂର୍ବ ପରିପତ୍ରକୁ ପ୍ରଶ୍ନ କରାଯାଇଥିଲା, ସେହି ଆଧାରରେ ଏହା ରାୟ ଦିଆଯାଇଥିଲା ଯେ ଏହା ସ୍ୱୟଂ ଅସାମ୍ବିଧାନିକ ଥିଲା କାରଣ ଏହା ବିବାହ କାରଣରୁ ମହିଳାମାନଙ୍କ ମଧ୍ୟରେ ଭେଦଭାବ ଏବଂ ଲିଙ୍ଗଗତ ଭେଦଭାବର ଦ୍ୱୈତ କୁପ୍ରଭାବରେ ପୀଡ଼ିତ ଥିଲା । ଆମେ ମଧ୍ୟ ଏହି ମତରେ ଉପନୀତ ହୋଇଛୁ ଯେ ବର୍ତ୍ତମାନର ମାମଲାଟି ଲିଙ୍ଗଗତ ଭେଦଭାବ ସହ ଜଡ଼ିତ ଏବଂ ତେଣୁ ଏହା ସମ୍ବିଧାନର ଅନୁଚ୍ଛେଦ 14 ଅନୁଯାୟୀ ହେବା ଉଚିତ ଏବଂ ତଦନୁଯାୟୀ ଫଇସଲା ହେବା ଉଚିତ୍ । ପରିପତ୍ରକୁ ପଠନ କରାଯିବ ଏବଂ ଯୋଗ୍ୟମାନଙ୍କ ମଧ୍ୟରୁ ଦ୍ୱୈତ ସର୍ତ୍ତ ସହିତ ଅନ୍ୟାନ୍ୟ ବିଷୟଗୁଡ଼ିକର ବଶଃବର୍ତ୍ତୀ ରହି ବିବାହିତା ଝିଅଙ୍କ ସପକ୍ଷରେ ପ୍ରାରମ୍ଭରୁ ଏହାକୁ ଏପରି ପଠନ କରାଯାଇଛି ବୋଲି ବିବେଚନା କରାଯିବ ଯେ ସେ ହେଉଛନ୍ତି (1) ଜଣେ ରେଳ କର୍ମଚାରୀ; ଏବଂ (2) ଅବସର ନେବାକୁ ଯାଉଥିବା ଅଧିକାରୀ ଆବାସରେ ରହିବା ନିମିତ୍ତ ନିୟମିତକରଣ ପାଇଁ ତାଙ୍କ ଝିଅଙ୍କ ସପକ୍ଷରେ ଇଚ୍ଛା ପ୍ରକାଶ କରିଛନ୍ତି । ଏହା ଏପରି ନିର୍ଦ୍ଦେଶିତ ହେଲା ।

ଉପରୋକ୍ତ କାରଣଗୁଡିକ ପାଇଁ, ଏହି ଆବେଦନକୁ ଅନୁମତି ଦିଆଗଲା ଏବଂ ଦ୍ୱିତୀୟ ଆବେଦନକାରୀଙ୍କ ଅବସର ଗ୍ରହଣ ତାରିଖ ଠାରୁ ପ୍ରଥମ ଆବେଦନକାରୀଙ୍କ ସପକ୍ଷରେ ଆବାସରେ ନିୟମିତ ରହିବା ମଞ୍ଜୁର କରାଗଲା ଏବଂ ସେହି ଅନୁଯାୟୀ ଘର ଭଡ଼ା କାରଣରୁ ଶୁଳ୍କକୁ ନିୟନ୍ତ୍ରଣ/ପୁନଃସମନ୍ୱୟ କରିବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି । ଏଠାରେ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆର୍. ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।